## ଆଜି କ'ଣ କେଉଁଠି

**ଅନୁଗୋଳ**

■ଜିଓଆଇର ଖବରଦାତା ସମ୍ମିଳନୀ
ସ୍ଥାନ- ଜିଲା ପରିଷଦ ସମ୍ମିଳନୀ କକ୍ଷ
ସମୟ- ପୂର୍ବାହ୍ନ ୧୦ ଘଟିକା

■ଦୁର୍ଗାପୂଜା ଉପଲକ୍ଷେ କଳସ ଯାତ୍ରା
ସ୍ଥାନ- ଅନୁଗୋଳର ବିଭିନ୍ନ ସ୍ଥାନରେ
ସମୟ- ପୂର୍ବାହ୍ନ ୧୦ ଘଟିକା

## ସଂକ୍ଷେପରେ

### କପିଳାସ ପୀଠ ପରିସର ସଫେଇ



**ଢେଙ୍କାନାଳ ଅଫିସ,୩।୧୦:** ଗାନ୍ଧୀ ଜୟନ୍ତୀ ଅବସରରେ ବୁଧବାର ଢେଙ୍କାନାଳସ୍ଥିତ ଓଏସ୍ଏପି ପ୍ରଥମ ବାଟାଲିୟନ ପକ୍ଷରୁ କପିଳାସ ପୀଠରେ ସ୍ୱଚ୍ଛଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଧିକାରୀ ଓ କର୍ମଚାରୀମାନେ ମନ୍ଦିର ରାସ୍ତା, ଭୋଗ ମଣ୍ଡପ ଚାରିପାଖ, ଆବର୍ଜନାମୟ ସ୍ଥାନ ସଫେଇ କରିଥଲେ। ଏଥିରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଚନ୍ଦ୍ରଶେଖର ୟୁଥ୍ କ୍ଲବର ସଭ୍ୟମାନେ ସହଯୋଗ କରିଥିଲେ । କମାଣ୍ଡାଣ୍ଟ ଲୋଚନ କୁମାର ପଶାୟତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ସୁବେଦାର ପ୍ରଶାନ୍ତ କୁମାର ପାତ୍ର, ସୁବେଦାର ଅଶୋକ କୁମାର ମଲିକ ଓ ବାଟାଲିୟନର ଶତାଧିକ କର୍ମଚାରୀ ସାମିଲ ହୋଇଥିଲେ ।

### ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ,୩।୧୦:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦେଓଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର ଓ ଏକ ସଚେତନତା ଶୋଭାଯାତ୍ରା ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାଚକ୍ରରେ ଛାତ୍ର ସୋମନାଥ ବାରିକ, ଜଗଦୀଶ ପତି, ରୋଶନ କୁମାର ସାହୁ, କଲ୍ୟାଣୀ ସାହୁ ଏବଂ ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ, ମମତା ଦେହୁରୀ, ନମିତପ୍ରଭା ସାହୁ ଓ ସଂଜ୍ଞା ସାଗରିକା ସ୍ୱାଇଁ ଭାଗ ନେଇଥିଲେ । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା ।

### ସର୍କଲ ସ୍ତରୀୟ ପ୍ରଧାନ ଶିକ୍ଷକ କର୍ମଶାଳା

ଢେଙ୍କାନାଳ ଅଫିସ,୩।୧୦: ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ସର୍କଲସ୍ତରୀୟ ପ୍ରଧାନ ଶିକ୍ଷକ କର୍ମଶାଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ବାରିକଙ୍କ ଅଧ୍ୟକ୍ଷତାରେ ଗଁଦିଆ ହାଇସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବରିଷ୍ଠ ପ୍ରଧାନ ଶିକ୍ଷକ ନାରାୟଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାରେ ସମୟାନୁବର୍ତ୍ତିତା, ଗୁଣାତ୍ମକ ଶିକ୍ଷା ଓ ଶତ ପ୍ରତିଶତ ଉପସ୍ଥାନ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଏବିଇଓ ରମାକାନ୍ତ ବାରିକ, ସଂସାର ଭୋଇ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ ନାଏକ, ସମନ୍ୱୟ ସମିତି ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ହରିହର ସାହୁ ସ୍ୱାଗତ ଭାଷଣ ଓ ସିଆରସିସି ତ୍ରିଲୋଚନ ଭୋଇ ଧନ୍ୟବାଦ ଦେଇଥିଲେ। ସିଆରସିସି ଜୟଦେବ ଶତପଥୀ, ଅଭୟ ଚରଣ ପାଣିଗ୍ରାହୀ, ଅଭୟ ଚରଣ ନାୟକ, ଅର୍ଜୁନ ସେଠୀ ଓ ବଳରାମ ବେହେରା ସହଯୋଗ କରିଥିଲେ। ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଏଥିରେ ସାମିଲ ହୋଇଥିଲେ ।

### ଆରଟିଓରେ ଚଢ଼ାଉ, ୨ ଗିରଫ

**ଢେଙ୍କାନାଳ ଅଫିସ,୩।୧୦:** ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)ରେ ଗୁରୁବାର ଟାଉନ ଥାନା ପୋଲିସ ଚଢ଼ାଉ କରି ଦୁଇ ଦଲାଲଙ୍କୁ ଗିରଫ କରିଛି। ସେମାନେ ହେଲେ କୁଞ୍ଜକାନ୍ତ ଅଞ୍ଚଳର ବିନୟ କୁମାର ଦାସ ଓ ତିଗିରିଆ ଥାନା ନୂଆପାଟଣା ଅଞ୍ଚଳର ଅନ୍ତର୍ଯ୍ୟାମୀ ସାହୁ। ଉଭୟେ ଦୀର୍ଘ ଦିନ ହେଲା ଦଲାଲି କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ପାଇ ଏସ୍ପି ଅନୁପମା ଜେମ୍ସଙ୍କ ନିର୍ଦ୍ଦେଶରେ ଟାଉନ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ଓ ପୋଲିସ କର୍ମଚାରୀ ଚଢ଼ାଉ କରିଥିଲେ।

■ପୋଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ

# ସହଯୋଗରେ ସମାଧାନ ହେବ ମାମଲା

**ଢେଙ୍କାନାଳ ଅଫିସ,୩।୧୦**



ପୋଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ।

■ଶାନ୍ତିଶୃଙ୍ଖଳାରେ ପୂଜା ଆୟୋଜନ ଉପରେ ଗୁରୁତ୍ୱ

■ଜବରଦଖଲକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ନରେ ଜିଲାସ୍ତରୀୟ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ଜିଲାରେ ହେଉଥିବା ମାମଲା ଗୁଡିକୁ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ହେବାକୁ ଥିବା ଦୁର୍ଗାପୂଜା ଓ ଗଜଲକ୍ଷ୍ମୀ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ଜିଲାପାଳ କହିଥିଲେ। ଏସ୍ପି ଅନୁପମା ଜେମ୍ସ ପୂଜା ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ପୋଲିସ ଓ ମାଜିଷ୍ଟ୍ରେଟମାନଙ୍କର ସହଯୋଗ କାମନା କରିଥିଲେ। ସହରାଞ୍ଚଳରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଏସ୍ପି ଗୁରୁତ୍ୱାରୋପ କରିଥିଲେ। ହିନ୍ଦୋଳ ଏସ୍ଡିପିଓ କାର୍ଯ୍ୟାଳୟ ପାଇଁ ଜାଗା ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ହିନ୍ଦୋଳରେ ସରକାରୀ ଜାଗା ଅବରୋଧକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। କାମାକ୍ଷାନଗର ଓ ଭୁବନରେ ଦୁର୍ଗାପୂଜା ସମୟରେ ଅଧିକ ପୋଲିସ ମୁତୟନ ପାଇଁ ଆଲୋଚନା ହୋଇଥିଲା। ବେଆଇନ ଖଣି ଖନନ ଓ କ୍ରସର ଉପରେ ତହସିଲଦାରମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ମୋଟର ଗାଡିଗୁଡିକ ତନଖି କରାଯିବା ସହିତ ଆରଟିଓ କାର୍ଯ୍ୟାଳୟ ଦଲାଲମୁକ୍ତ କରାଯାଉଥିବା ସୂଚନା ଦିଆଯାଇଥିଲା । ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଯୁଗ୍ମ ଭାବେ ଲକ୍ଷ୍ମୀପୂଜା ପୂର୍ବରୁ ଧରପଗଡ କରାଯିବ ବୋଲି ଆଲୋଚନା ହୋଇଥିଲା । ଜିଲାରେ ମଦ୍ୟପାନ କରି ୧୧୦ ଗାଡ଼ି ଚାଳକ ଧରାପଡିଥିବା ସୂଚନା ଦିଆଯାଇଥିଲା। ଡଙ୍ଗାବୁଡି, ସାପକାମୁଡା, ବଜ୍ରପାତ ଜନିତ ମୃତ୍ୟୁର ଅନୁଗ୍ରହ ରାଶି ଚଳିତମାସ ଶେଷ ସୁଦ୍ଧା ପ୍ରଦାନ କରିବାକୁ ଜିଲାପାଳ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପିଡି ଡିଆରଡିଏ ନରୋତ୍ତମ ବେହେରା, କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ହିନ୍ଦୋଳ ଉପଜିଲାପାଳ ଉଦୟ କୁମାର ମହାପାତ୍ର, ଅବକାରୀ ଅଧୀକ୍ଷକ ମନୋଜ ସେଠୀ, ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀବତ୍ସ ଦଳେଇ ପ୍ରମୁଖଙ୍କ ସମେତ ଜିଲାର ସମସ୍ତ ମାଜିଷ୍ଟ୍ରେଟ, ପୋଲିସ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।



କପିଳାସ ଚିଡ଼ିଆଖାନାରେ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି।

# 'ବୃକ୍ଷ ବିନା ଜୀବନ ଅସମ୍ଭବ'

**ଢେଙ୍କାନାଳ ଅଫିସ,୩।୧୦**

ଢେଙ୍କାନାଳ ଜିଲା କପିଳାସ ଚିଡ଼ିଆଖାନା ପରିସରରେ ବୁଧବାର ୬୫ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଭାଗ ମୁଖ୍ୟ ଡ. ସୁଶୀଲ କୁମାର ଦତ୍ତ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ବୃକ୍ଷ ବିନା ଜୀବନ ଅସମ୍ଭବ ବୋଲି କହିଥିଲେ। ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ ବନ୍ୟପ୍ରାଣୀଙ୍କୁ ଭଲ ପାଇବା ଓ ସେମାନଙ୍କୁ ବଞ୍ଚିବାକୁ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ ବନ୍ୟପ୍ରାଣୀଙ୍କ ସହ ସହବସ୍ଥାନ ଆମ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ ବୋଲି କହିଥିଲେ। ବନ୍ୟପ୍ରାଣୀ ସଂରକ୍ଷଣ ବିଶେଷଜ୍ଞ ରଣଜିତ କୁମାର ପଟ୍ଟନାୟକ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିଜୟ କୁମାର ଦାସ, ମାଷ୍ଟର ଟ୍ରେନର ଦେବରାଜ ରାଉତ ଓ ଦୀପ୍ତିମୟୀ ଲେଙ୍କା ପ୍ରମୁଖ ବନ୍ୟପ୍ରାଣୀ ସପ୍ତାହ ପାଳନର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାକୁ ଓଡ଼ିଶା ବନ୍ୟପ୍ରାଣୀ ସମିତିର ପ୍ରକଳ୍ପ ସଂଯୋଜକ ଅରବିନ୍ଦ ମାଝି ପରିଚାଳନା କରିଥିଲେ। ହିନ୍ଦୋଳ ବ୍ଲକ ବାବନ୍ଧ ଗ୍ରାମର ଅନନ୍ତ ଚରଣ ବିଶ୍ୱାଳ, କାମାକ୍ଷାନଗର ଉପଖଣ୍ଡର ରାଜେଶ ରଞ୍ଜନ ସାହୁଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ବନ ସଂରକ୍ଷକ ସରୋଜ କୁମାର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାୟନୃସିଂହପୁର ଲୋକକଳା ଗ୍ରାମ ଚୟନ



ରାୟନୃସିଂହପୁର ଗ୍ରାମକୁ ଲୋକକଳା ଗ୍ରାମ ଘୋଷଣା ଅବସରରେ ଆୟୋଜିତ କାର୍ଯ୍ୟକ୍ରମ।

**ଢେଙ୍କାନାଳ ଅଫିସ,୩।୧୦**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ରାୟନୃସିଂହପୁର ଗ୍ରାମକୁ ଗାନ୍ଧୀ ଜୟନ୍ତୀ ଅବସରରେ ଲୋକକଳା ଗ୍ରାମ ଭାବରେ ଘୋଷିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଲେ ଯେ, ଓଡ଼ିଶାର କଳା ଓ ସଂସ୍କୃତି ମହାନ । ପାରମ୍ପରିକ ଲୋକକଳାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ସମ୍ମାନିତ ଅତିଥି ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଯୋଗ ଦେଇ ଜିଲାର ଗୋଟିଏ ଗ୍ରାମକୁ ଲୋକକଳା ଗ୍ରାମସଭା ଚୟନ କରାଯାଇ ଏହାକୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ବିଡିଓ ବିକାଶ କୁମାର ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ରାୟନୃସିଂହପୁର ସରପଞ୍ଚ ଶିଶିରକାନ୍ତ ବେହେରା ପ୍ରମୁଖ ଲୋକକଳାର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। କାମାକ୍ଷାନଗର ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ବିଭୂତି ବିଶ୍ୱାଳ, ଭୁବନ ଉପସଭାପତି ଅଶୋକ ସାମଲ, ପରଜଙ୍ଗ ଉପସଭାପତି ପ୍ରଭାକର ନାଥ, ଓଡାପଡାର ଦୁର୍ଯ୍ୟୋଧନ ଜେନା ଓ ଜିଲା ପରିଷଦ ସଦସ୍ୟ ହୃଦାନନ୍ଦ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଜିଲା କଳା ସଂସ୍କୃତି ସଂଘର ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ଏହି ଅବସରରେ ପାଲା, ଦଣ୍ଡନୃତ୍ୟ, ଦାସକାଠିଆ, ଗୋପାଳ ଲଉଡି, ସଂକୀର୍ତ୍ତନ, ଖଞ୍ଜଣି ଭଜନ ଆଦି ପରିବେଷିତ ହୋଇଥିଲା । ଜିଲା ଲୋକକଳା କ୍ଷେତ୍ରରେ ଲଗାତର ୩ ଥର ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଥିବା ବେଳେ ପ୍ରଥମକରି ଆଦର୍ଶ ଜିଲାର ମାନ୍ୟତା ଲାଭ କରିଥିଲା ବୋଲି ସୂଚନା ଦିଆଯାଇଥିଲା ।

# ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍

**କାମାକ୍ଷାନଗର,୩।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଲିଗୋରଡ ଛକ ନିକଟରୁ ଗୁରୁବାର ମଧ୍ୟାହ୍ନରେ ଆରୋହଣ ଫାଇନାନ୍ସ କମ୍ପାନୀର ଦୁଇ କର୍ମଚାରୀଙ୍କଠାରୁ ୨ ଲକ୍ଷ ୯ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ରାଜେନ୍ଦ୍ର ପାଣିଗ୍ରାହୀ ଓ ଚନ୍ଦ୍ରକାନ୍ତ ପଣ୍ଡା ସ୍କୁଟି (ନଂ. ଓଡି ୦୬ଏଚ୨୮୧୨) ଯୋଗେ ଭୁବନ ଥାନା ଯମୁନାକୋଟ ଗାଁରୁ ଟଙ୍କା ଆଦାୟ କରି ଜିରିଡାମାଳି ଠାରେ ଥିବା କାର୍ଯ୍ୟାଳୟକୁ ଫେରୁଥିଲେ। ସେହି ସମୟରେ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ପିଛା କରି ବାଲିଗୋଠାରେ ଅଟକାଇଥିଲେ। ପରେ ପିସ୍ତଲ ଦେଖାଇ ଟଙ୍କା ଲୁଟ୍ କରି ଭୁବନ ରାସ୍ତାରେ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ କାମାକ୍ଷାନଗର ପୋଲିସର ପହଞ୍ଚି ଛାନଭିନ କରିଛି। ଅନ୍ୟ ଏକ ଘଟଣାରେ ବାଲିଗୋରଡ ଗ୍ରାମର ଶିଖାରାଣୀ ସ୍ୱାଇଁ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରୁ ୪୦ ହଜାର ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ସେ ଅନ୍ୟ ଏକ କାମରେ ଷ୍ଟେଟ ବ୍ୟାଙ୍କର ଏଡିବି ଶାଖାକୁ ଯାଇ ଫେରିଲା ବେଳକୁ ଡିକି ଭାଙ୍ଗି କେହି ଟଙ୍କା ନେଇଯାଇଥିବା ଦେଖିବାକୁ ପାଇଥିଲେ। ସେ ଏ ନେଇ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି।

■ଇନ୍ଦିପୁର ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ

# 'ଜୀବନ ରୂପୀ ପରୀକ୍ଷାର ସାମ୍ନା କର'



ଇନ୍ଦିପୁର ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି।

**ଢେଙ୍କାନାଳ ଅଫିସ,୩।୧୦**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଇନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଗୁରୁବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବ ଉଦ୍‌ଘାଟନ କରିବା ସହ ତାଙ୍କ ବକ୍ତବ୍ୟରେ କହିଲେ, ଶିକ୍ଷା ବିନା ଯେକୌଣସି ଜାତି ଧ୍ୱଂସ ପାଇଯିବ। ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ସର୍ବଭାରତୀୟ ସ୍ତରରେ ୧୩ ନମ୍ବରରେ ଥିବା ବେଳେ ନୀତି ଆୟୋଗଙ୍କ ମୂଲ୍ୟାଙ୍କନରେ ଓଡ଼ିଶା ୭ନଂ.ରେ ରହିଛି। ଆଗାମୀ ଦିନରେ ଶ୍ରେଷ୍ଠ ୩ ଟି ସ୍ଥାନ ମଧ୍ୟରେ ଓଡିଶାକୁ ଆଣିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ମାନଙ୍କ ପ୍ରମୁଖ ଭୂମିକା ରହିଛି। କମିଟି ସଭାପତି ରଘୁନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏମ୍ପି ମହେଶ ସାହୁ କହିଲେ ଯେ, ଜୀବନ ଏକ ପରୀକ୍ଷା ଓ ଆହ୍ୱାନ। ଏହାର ସାମ୍ନା କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଓଡାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା ଏବଂ ଓଡାପଡା ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟଙ୍କ ପରିବାର ଲୋକ ଓ ପ୍ରଥମ ବ୍ୟାଚର ଛାତ୍ରୀଛାତ୍ରଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ମୁଖ୍ୟବକ୍ତା ଭାବେ ପ୍ରଫେସର ଭବାନୀ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରଫେସର ଧନେଶ୍ୱର ସାହୁ ଏବଂ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ଯୋଗ ଦେଇଥିଲେ।

■ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ

# ଫାଇନାଲରେ ମଙ୍ଗଳା କ୍ଲବ ବନମାଳୀପ୍ରସାଦ

**ଢେଙ୍କାନାଳ ଅଫିସ,୩।୧୦**

ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ପ୍ରଥମ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ମା ମଙ୍ଗଳା କ୍ଲବ ବନମାଳୀପ୍ରସାଦ ଢେଙ୍କାନାଳ ୩-୧ ଗୋଲରେ ମଙ୍ଗଳା କ୍ଲବ କଟକ ଦଳକୁ ପରାସ୍ତ କରି ଫାଇନାଲକୁ ଯାଇଛି। ମା ମଙ୍ଗଳା ଫୁଟବଲ କ୍ଲବ ତରଫରୁ ରାଜେଶ ନାୟକ ଲଗାତର ୩ଟି ଗୋଲ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶ୍ରମିକ ନେତା ପ୍ରଶାନ୍ତ କୁମାର ମିଶ୍ର ତାଙ୍କୁ ପୁରସ୍କୃତ କରିଥିଲେ। ରେଫରି ସୁବ୍ରତ ପୁରୋହିତ, ଅନିଲ କୁମାର ନନ୍ଦ, ଆଶୀର୍ବାଦ କାନୁନଗୋ, ଜ୍ୟୋତିରଞ୍ଜନ ସ୍ୱାଇଁ, ପର୍ଶୁରାମ ମିଶ୍ର ଓ ମ୍ୟାଚ କମିଶନର ମାୟାଧର ସାହୁ ଖେଳ ପରିଚାଳନା କରିଥିଲେ । ଏମ୍ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ଖେଳରେ ରାଇଜିଂ ଷ୍ଟୁଡେଣ୍ଟ କଟକ, ମା' ମଙ୍ଗଳା ଫୁଟବଲ କ୍ଲବ ବନମାଳୀପ୍ରସାଦ ଢେଙ୍କାନାଳକୁ ଭେଟିବ । ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ବିଶିଷ୍ଟ ବୁଦ୍ଧିଜୀବି ସ୍ୱର୍ଗତ ବିଧାନଚନ୍ଦ୍ର ମିଶ୍ରଙ୍କ ସ୍ମୃତିରେ ତାଙ୍କ ନାମରେ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଟ୍ରଫି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି ।



ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚର ଏକ ଦୃଶ୍ୟ।

# ସଭ୍ୟ ପଞ୍ଜୀକରଣ ଅଭିଯାନ ସମୀକ୍ଷା




ବିଜେଡି ସଭ୍ୟ ପଞ୍ଜୀକରଣ ଅଭିଯାନର ସମୀକ୍ଷା ବୈଠକ।

**ଢେଙ୍କାନାଳ ଅଫିସ,୩।୧୦**

ଢେଙ୍କାନାଳ ଜିଲା ବିଜେଡି ପକ୍ଷରୁ ସଭ୍ୟ ପଞ୍ଜୀକରଣ ଅଭିଯାନ ଓ ଜନ ସମ୍ପର୍କ ପଦଯାତ୍ରାର ସମୀକ୍ଷା ବୈଠକ ଗୁରୁବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଜିଲା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ କୁମାର ନାୟକ କହିଲେ ଯେ, ସଭିଏଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିବା ସରକାରଙ୍କ ବିକାଶଯାତ୍ରାର ସାଥୀ। ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟର ବାର୍ତ୍ତା କିପରି ସବୁ ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେଥିପାଇଁ ସାରା ରାଜ୍ୟରେ ସେପ୍ଟେମ୍ବର ୨ ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ନୂତନ ସଭ୍ୟ ପଞ୍ଜୀକରଣ ଅଭିଯାନ ଏବଂ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି ବୋଲି ସେ କହିଥିଲେ। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ, ନଗର ସଭାପତି ଇନ୍ଦ୍ରମଣି ବେହେରା ପ୍ରମୁଖଙ୍କ ସହ ବିଜେଡି ରାଜ୍ୟ ସମ୍ପାଦକ ଦେବୀ ପ୍ରସାଦ ଭୁତିଆ, ହର୍ଷବର୍ଦ୍ଧନ ସିଂହଦେଓ, ରାଜ୍ୟ ମହିଳା ଉପସଭାପତି ସାଗରିକା ମିଶ୍ର, ରାଜ୍ୟ ଯୁବ ସମ୍ପାଦକ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲା କୃଷକ ଶାଖା ସଭାପତି ନରୋତ୍ତମ ସାହୁ, ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା, ମହିଳା ସଭାପତି ସାଇଶ୍ରୀ ପଟ୍ଟନାୟକ, ଛାତ୍ର ସଭାପତି ସୁରଜ ମହାପାତ୍ର, ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଅଶରଫ ଖାଁ, ଜିଲା ସାଂସ୍କୃତିକ ସଂଯୋଜିକା ଲୋପାମୁଦ୍ରା ମହାନ୍ତି, ବିଜେଡି ଜିଲା ପରିଷଦ ସଦସ୍ୟ, ସମସ୍ତ ବ୍ଲକ ଅଧ୍ୟକ୍ଷ, ପୌରାଞ୍ଚଳ ଓ ଏନ୍ଏସି ସଭାପତି, ସରପଞ୍ଚ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଯୁବ ବିଜେଡି ଉପସଭାପତି ବିନୋଦ କୁମାର ମହାନ୍ତି, ଶ୍ରୀକାନ୍ତ ଧଳ, ଅବିନାଶ ଜେନା ସଂଯୋଜନା କରିଥିଲେ। ପ୍ରତାପ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

### ଗାନ୍ଧୀଗ୍ରାମ ଓ ସବୁଜାୟନ ପ୍ରକଳ୍ପ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ,୩।୧୦**

ବିଶ୍ୱ ଓଡ଼ିଶା ଆନୁକୂଲ୍ୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି କବି ବାହାଦୂର ପାଟସାହାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା ବିଚାରପତି ଦୁର୍ଗାଚରଣ ମିଶ୍ର ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ଶ୍ରମିକ ନେତା ଯୋଗେନ୍ଦ୍ର ନାଥ ତ୍ରିପାଠୀ, ସାମାଜିକ କର୍ମୀ ଯୋଗୀନାଥ ମହାନ୍ତି, ଅକ୍ଷୟ କୁମାର ସାହୁ, ବିନାୟକ ଶତପଥୀ ପ୍ରମୁଖ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନ ଦର୍ଶନ, ବିଚାର, ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ମନୋଜ କୁମାର ସାହୁ ବିଶ୍ୱ ଓଡ଼ିଶାର ଆଭିମୁଖ୍ୟ ଓ ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉପସ୍ଥିତ ଅତିଥିମାନେ ଗାନ୍ଧୀ ଦର୍ଶନ-ଆଦର୍ଶ-ବିଚାର ଆଧାରିତ ଗ୍ରାମ ପ୍ରକଳ୍ପ 'ଗାନ୍ଧୀଗ୍ରାମ' ଏବଂ ଶାସ୍ତ୍ରୀଜୀଙ୍କ ୧୧୫ ବର୍ଷ ପୂର୍ତ୍ତି ଉପଲକ୍ଷେ ମୋ ପରିବେଶକୁ ସବୁଜିମାରେ ଭରିଦେବାର ସଂକଳ୍ପ 'ସବୁଜାୟନ' ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନୀଳମଣି ମହାରଣା, ଅନନ୍ତ ଚରଣ ବେହେରା, କୁଞ୍ଜ ବିହାରୀ ସାହୁ, ଅନ୍ତର୍ଯ୍ୟାମୀ ରଥ, ବିଶ୍ୱନାଥ ମହାପାତ୍ର, ସରିତା ପାଟସାହାଣୀ, ରଶ୍ମିତା ରାଉତ, ଇତିଶ୍ରୀ ପରିଡା, ଅନିତା ସାମଲ, ଶ୍ରଦ୍ଧାଞ୍ଜଳି ନାଥ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### କଟୁରି ଚୋଟରେ ବଡ଼ଭାଇ ଗୁରୁତର

**ଛେଣ୍ଡିପଦା,୩।୧୦(ଡି.ଏନ.ଏ.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡା ଥାନା ଓଗୀ ଗ୍ରାମରେ ଗୁରୁବାର ପାରିବାରିକ କଳହକୁ କେନ୍ଦ୍ର କରି ସାନ ଭାଇର କଟୁରି ଚୋଟରେ ବଡ଼ ଭାଇ ଗୁରୁତର ହୋଇଥିବା ସୂଚନା ମିଳିଛି। ଗ୍ରାମର ଯୁଗଳ ପ୍ରଧାନଙ୍କ ସାନ ପୁଅ ରଞ୍ଜନ ପ୍ରଧାନ(୩୬) ଏକ କଟୁରି ଯୋଗେ ବଡଭାଇ ସୁଶୀଳ ପ୍ରଧାନ(୪୨)ଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଖବରଲେଖା ହେବା ସୁଦ୍ଧା ଏ ନେଇ ସ୍ଥାନୀୟ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ କରାଯିବ ବୋଲି ଥାନା ସୂତ୍ରରୁ ଜଣାପଡ଼ିଛି।

### ଦୁର୍ଘଟଣାରେ ଜଣେ ମୃତ

**କଣିହାଁ,୩।୧୦(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳରେ ଗୁରୁବାର ବାଇକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି। ଏଏସ୍‌ଆଇ ସନ୍ତୋଷ ଶତପଥୀ କହିଛନ୍ତି, ତାଳଚେର ରେମୁଆଁ ଗ୍ରାମର ହୃଷିତୀର୍ଥ ଦାସଙ୍କ ବାଇକ ପଛରେ ବସି ସନ୍ତୋଷ ରାଉତ ପାଲଲହଡ଼ା ଅଞ୍ଚଳକୁ ଯାଉଥିଲେ। ଗହମ ଗ୍ରାମ ନିକଟରେ ଚାଳକ ଭାରସାମ୍ୟ ହରାଇବାରୁ ପଛରେ ବସିଥିବା ସନ୍ତୋଷ ରାସ୍ତା ଉପରେ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ୧୩୧/୧୯ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଆଜି ବନ୍ଦ ହେବ ରେଙ୍ଗାଳି ଡ୍ୟାମ୍ ଗେଟ୍

**କଣିହାଁ,୩।୧୦(ଡି.ଏନ.ଏ.):** କଣିହାଁ ବ୍ଲକସ୍ଥିତ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମ୍‌ରୁ ୩ୟ ଥର ପାଇଁ ବନ୍ୟାଜଳ ନିଷ୍କାସନ ପାଇଁ ମଙ୍ଗଳବାର ପୂର୍ବାହ୍ନଠାରୁ ୮ ନଂ. ଗେଟ ଖୋଲାଯାଇଥିଲା। ଉକ୍ତ ଗେଟକୁ ଶୁକ୍ରବାର ବନ୍ଦ କରାଯିବ ବୋଲି ସୂଚନା ମିଳିଛି। ଡ୍ୟାମ୍ ଅବବାହିକା ନିର୍ବାହୀ ଯନ୍ତ୍ରୀ ଅଜିତ୍ କୁମାର ଜେନା କହିଛନ୍ତି, ଗୁରୁବାର ସନ୍ଧ୍ୟାସୁଦ୍ଧା ଡ୍ୟାମ୍‌ର ଜଳସ୍ତର ୧୨୪ ମିଟର ତଳକୁ ରହିଛି। ଉପରେ ମୁଣ୍ଡରେ ବର୍ଷା ଅଭାବରୁ ୧୨୮୦ ଘନମିଟର ଜଳ ପ୍ରତି ସେକେଣ୍ଡରେ ପ୍ରବେଶ କରୁଥିବାବେଳେ ଡ୍ୟାମରୁ ୨୨୦୦ ଘମି ଜଳ ନିଷ୍କାସିତ ହେଉଛି। ଜଳସ୍ତର କମୁଥିବାରୁ ଶୁକ୍ରବାର ଖୋଲାଯାଇଥିବା ଗେଟ ବନ୍ଦ କରାଯିବ।

### ଟଙ୍କା, ଅଳଙ୍କାର ଲୁଟ୍

**ସାତମାଇଲ,୩।୧୦(ଡି.ଏନ.ଏ.):** ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଖଜୁରିଆକଟା ବଜାରରେ ବୁଧବାର ରାତିରେ ଗତିକୃଷ୍ଣ ସାମଲଙ୍କ ଘରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଘରୁ ଟଙ୍କା, ସୁନାଗହଣା ଲୁଟି ନେଇଥିବା ଗତିକୃଷ୍ଣ ଥାନାରେ ଗୁରୁବାର ସକାଳେ ଲିଖିତ ଅଭିଯୋଗ କରିଛନ୍ତି। ଗତିକୃଷ୍ଣ ତାଙ୍କ ଘରର ଗୋଟିଏ ବଖରାରେ ଆସବାବପତ୍ର ରଖି ଅନ୍ୟ ଗୋଟିଏ ବଖରାକୁ ଭଡାରେ ଦେଇଥିଲେ। ୫ ଜଣ ଦୁର୍ବୃତ୍ତ ବିଳମ୍ବିତ ରାତିରେ ଆସି ଭଡାରେ ଥିବା ଲୋକଙ୍କୁ ବାହାରୁ ତାଲା ପକାଇ ଦେଇଥିଲେ। ଗତିକୃଷ୍ଣ ଘରେ ନ ଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଗଡରେଜକୁ ନେଇ ପଳାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସକାଳେ ପଡୋଶୀ ସୁକାନ୍ତ ବିଶ୍ୱାଳ ମଧ ବୁଧବାର ରାତିରେ ନ ଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଘର କବାଟ ଭାଙ୍ଗି ଲୁଟ୍ କରିଥିବା ଜଣାପଡ଼ିଛି। ଏ ନେଇ ବାଲିମି ଥାନାରେ ନଂ. ୧୦୪/୧୯ରେ ଏକ ମାମଲା ରୁଜୁ କରାଯାଇଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ଆତ୍ମରକ୍ଷା କୌଶଳ ଶିଖିଲେ ଛାତ୍ରୀ

**ବଅଁରପାଲ,୩।୧୦(ଡି.ଏନ.ଏ.)** ବଅଁରପାଲ ପିଏସ୍‌ଏସ୍‌ଜେ କଲେଜ ପରିସରରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗୋକୁଳାନନ୍ଦ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ କିଭଳି ନିଜର ଆତ୍ମରକ୍ଷା କରିପାରିବେ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ସଂଯୋଜିକା ସ୍ମିତା ବେହେରା, ପ୍ରଶିକ୍ଷକ ଯାଜ୍ଞସେନୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ସୁମିତ୍ରା ସ୍ୱାଇଁ, ପ୍ରିୟଦର୍ଶିନୀ ଜେନା, ଗାୟତ୍ରୀ ସାହୁ, ସ୍ମିତା ବେହେରା, ରାଜେଶ ଜେନା ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୧୩୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଅପରିଚିତଙ୍କୁ ଏଟିଏମ୍ ପାସ୍‌ୱାର୍ଡ ଦିଅନାହିଁ


ଆମ ପୋଲିସ ସମିତି ବୈଠକରେ ପୋଲିସ ଅଧିକାରୀ ଓ ଅନ୍ୟମାନେ।

**ବଇଣ୍ଡା,୩।୧୦(ଡି.ଏନ.ଏ.)**

ଫୋନ ମାଧ୍ୟମରେ ବ୍ୟାଙ୍କରୁ କହୁଥିବା କହି ଅନେକ ଠକ ଆକାଉଣ୍ଟଧାରୀଙ୍କଠାରୁ ଏଟିଏମ୍ ପାସୱାର୍ଡ ମାଗି ନେଇ ଟଙ୍କା ଉଠାଇ ନେଉଛନ୍ତି। ତେଣୁ କୌଣସି ଅପରିଚିତ ବ୍ୟକ୍ତି ବା ଫୋନ ମାଧ୍ୟମରେ କାହାକୁ ପାସୱାର୍ଡ ନ ଦେବାକୁ କିଶୋରନଗର ବ୍ଲକ ଲୁହାମୁଣ୍ଡା ମା' ହିଙ୍ଗୁଳା କ୍ଲବ ଗୃହଠାରେ ହଣ୍ଡପା ପୋଲିସ ପକ୍ଷରୁ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ପଦାଧିକାରୀମାନେ ପରାମର୍ଶ ଦେଇଛନ୍ତି। ଲୁହାମୁଣ୍ଡା ସରପଞ୍ଚ ତିଳୋତ୍ତମା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହଣ୍ଡପା ଥାନା ଆଇଆଇସି ଲବ ବୋଡ଼ା, ଏଏସ୍‌ଆଇ କୁନୀ ବାରିକ, ଗଦାଧର ବିଶ୍ୱାଳ, ବସନ୍ତ ବିଶ୍ୱାଳ, ସଦାନନ୍ଦ ସାହୁ, ମନୋଜ ସ୍ୱାଇଁ, ଆନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନେକ ଗ୍ରାମରେ ଚୋରା ମଦ ବିକ୍ରି କରାଯାଉଥିବାବେଳେ ଏହାକୁ ବନ୍ଦ କରିବା, ରାସ୍ତାରେ ଗୋରୁ ବନ୍ଧା ହେଉଥିବା ଯୋଗୁ ଟ୍ରାଫିକ ସମସ୍ୟା ଦେଖାଦେବା ଉପରେ ଆଲୋଚନା ହୋଇଥିଲା। ଏଥିପ୍ରତି ପୋଲିସ ପଦକ୍ଷେପ ନେବା ସହ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ।

## ଅର୍ଥ ଫେରସ୍ତ ଦାବିରେ ଧାରଣା

**ତାଳଚେର,୩।୧୦(ନି.ପ୍ର.)**

ନିର୍ମାଣ କାର୍ଯ୍ୟ ପାଇଁ ଜମା କରିଥିବା ସିକ୍ୟୁରିଟି ବାବଦ ଅର୍ଥ ଫେରସ୍ତ ଦାବିରେ ତାଳଚେର ବ୍ଲକ ବ୍ରଜନାଥପୁର ଯୁବକ ସଂଘ ପକ୍ଷରୁ ଗୁରୁବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସଂଘ କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି ଯେ, ସେମାନେ ବ୍ଲକ ଜେଇଙ୍କ ଅଧୀନରେ କ୍ଲବ ଘର, କଂକ୍ରିଟ ରାସ୍ତା ନିର୍ମାଣ କରିଥିଲେ। କିନ୍ତୁ ଏ ବାବଦରେ ଅର୍ଥରାଶି ସେମାନଙ୍କୁ ମିଳିପାରି ନାହିଁ। ୧୨ ପ୍ରତିଶତ ପିସି ଦେବା ପରେ ମଧ ସେମାନଙ୍କୁ ସିକ୍ୟୁରିଟି ଡିପୋଜିଟ ମିଳିପାରି ନାହିଁ। ଏ ନେଇ ସେମାନେ ବିଡିଓ, ଉପଜିଲାପାଳ, ଜିଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ବି କିଛି ସୁଫଳ ନ ମିଳିବାରୁ ପୂର୍ବାହ୍ନରେ ସଂଘ କର୍ମକର୍ତ୍ତାମାନେ ଗଣଧାରଣା ଦେଇଥିଲେ। ବିଡିଓ ନେତ୍ରାନନ୍ଦ ମଲିକ ଧାରଣାସ୍ଥଳରେ ପହଞ୍ଚି କର୍ମକର୍ତ୍ତାମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

# ବର୍ଦ୍ଧିତ ଭଡ଼ା ହ୍ରାସ ଦାବି



**ତାଳଚେର,୩।୧୦(ନି.ପ୍ର.)**

ତାଳଚେର ପୌର ପରିଷଦ ଦ୍ୱାରା ଆବଣ୍ଟିତ ଦୋକାନଗୃହ ଗୁଡ଼ିକର ବର୍ଦ୍ଧିତ ଭଡ଼ା ହ୍ରାସ ନିମନ୍ତେ ତାଳଚେର ମ୍ୟୁନିସିପାଲିଟି ବ୍ୟବସାୟୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ତାଳଚେର ମ୍ୟୁନିସିପାଲିଟି ବ୍ୟବସାୟୀ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ପ୍ରେସ୍‌କ୍ଲବଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ବୈଠକରେ କମିଟି ସଭାପତି ଧୀରମୋହନ ରାୟ କହିଥିଲେ ଯେ, ଗତ ଫେବୃଆରୀରେ ଭଡ଼ା ୪ଗୁଣା ବୃଦ୍ଧି କରାଯାଇଥିଲା। ପ୍ରତିବାଦ ପରେ ସେହି ମାସରେ ଭଡ଼ା ବୃଦ୍ଧିକୁ ସ୍ଥଗିତ ରଖାଯାଇଥିଲା। ସେପ୍ଟେମ୍ବର ୨୧ରେ ହାଟତୋଟା ଓ ବସ୍‌ଷ୍ଟାଣ୍ଡ ମାର୍କେଟରେ ଭଡ଼ା ବୃଦ୍ଧି କରାଯାଇଛି। ବିଗତ ୩ଟି କାଉନସିଲରେ ବର୍ଗଫୁଟ ପ୍ରତି ୫୦ ପଇସାରୁ ୧ ଟଙ୍କା ୫୦ ପଇସା ଯାଏ ବୃଦ୍ଧି କରାଯାଇଥିଲା ବେଳେ ଏବେ ଭଡ଼ା ୨ଗୁଣା ବଢ଼ାଇବା ଯୋଗୁ କ୍ଷୁଦ୍ର ବ୍ୟବସାୟୀମାନେ ମାନସିକ ଚାପରେ ରହୁଛନ୍ତି। ଏ ନେଇ ପୌର ପ୍ରଶାସକ, ଢେଙ୍କାନାଳ ଏମ୍‌ପି, ତାଳଚେର ବିଧାୟକଙ୍କୁ କମିଟି ପକ୍ଷରୁ ଅବଗତ କରାଯାଇଛି। ଭଡ଼ା ବୃଦ୍ଧି ସମସ୍ୟାର ସମାଧାନ ନ ହେଲେ ବ୍ୟବସାୟୀମାନେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ଆଇନର ଆଶ୍ରୟ ନେବାକୁ ବାଧ୍ୟ ହେବେ ବୋଲି କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି। କମିଟି ଉପସଭାପତି ସରୋଜ ମହାକୁଡ଼, ସାଧାରଣ ସମ୍ପାଦକ ରଶ୍ମିକାନ୍ତ ବେହେରା, କୋଷାଧ୍ୟକ୍ଷ କିସାନ ସାହୁ, ମାନସ ରଞ୍ଜନ ବେହେରା, ଅଶୋକ ଶର୍ମା, ସୁଧାଂଶୁ ଶେଖର ନନ୍ଦ, ଅଶୋକ ଭୂତିଆ, ବଂଶୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗାନ୍ଧୀ ଜୟନ୍ତୀରେ ତ୍ରୈମାସିକ କର୍ମଶାଳା



**ଅନୁଗୋଳ ଅଫିସ, ୩।୧୦**

ଅନୁଗୋଳର ଇକ୍ୟୁବ୍ ଏକାଡେମିଆ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଦ୍ୱିତୀୟ ତ୍ରୈମାସିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାର ମୁଖ୍ୟ ବିଷୟ ଥିଲା 'ଥିଙ୍କ ଡିଫରେଣ୍ଟ'। କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ରାଜା ସିଂହ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ସମାଜ ଓ ଦେଶ ପ୍ରତି ଉତ୍ତରଦାୟିତ୍ୱ ଏବଂ ଅନ୍ତର୍ଦୃଷ୍ଟି ବଢ଼ାଇବାରେ ସଫଳ ହୋଇଛି। ଏହି କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀର ଛାତ୍ରୀ ଇଶାନି ପ୍ରଧାନ ଉତ୍ତମ ପ୍ରଦର୍ଶନ କରିଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ସୌରଭ ଅଗ୍ରୱାଲ ଚୌଧୁରୀଙ୍କୁ ତାଙ୍କର ଇକ୍ୟୁବ ଏକାଡେମିଆ ପ୍ରତି ଅଂଶଦାନ କରିଥିବାରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଇକ୍ୟୁବ୍ ଗ୍ରୁପର ପ୍ରତିଷ୍ଠାତା ବିନ୍ଦୁ ସାଗର ବରାଳ ଓ ଗୌରବ ଅଗ୍ରୱାଲଙ୍କ ଉପସ୍ଥିତିରେ ସମ୍ପାଦନ ହୋଇଥିଲା।

■ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗର ଅବହେଳା

# ପଡିରହିଛି ୭ ଲକ୍ଷର ସାନିଟାରି ନାପ୍‌କିନ

**ଆଠମଲ୍ଲିକ, ୩।୧୦ (ଡି.ଏନ.ଏ.)**

ବିଦ୍ୟାଳୟ ଛାତ୍ରୀଙ୍କୁ ମାଗଣାରେ ସାନିଟାରି ନାପକିନ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ସମସ୍ତ ବିଦ୍ୟାଳୟରେ ଛାତ୍ରୀମାନେ ଯେପରି ଏହି ପ୍ୟାଡ ପାଇବେ ସେଥିପାଇଁ ସରକାରୀ ସ୍ତରରେ ନିୟମ ରହିଛି। ହେଲେ ଅନେକ ସ୍ଥାନରେ ଥିବା ବିଦ୍ୟାଳୟଗୁଡିକର ଛାତ୍ରୀମାନଙ୍କୁ ସାନିଟାରି ନାପକିନ ବଣ୍ଟା ନ ଯାଇ ପଡିରହିଛି, ଯାହା ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକକୁ ଆସିଥିବା ୯ ଲକ୍ଷ ଟଙ୍କାର ପ୍ୟାଡରୁ ୭ ଲକ୍ଷର ନାପକିନ ବଣ୍ଟା ନ ହୋଇ ବନ୍ଦ କୋଠରୀରେ ପଡିରହିଥିବା ଅଭିଯୋଗ ଆସିଛି। ଏଥିଯୋଗୁ ଅଭିଭାବକ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ମୁତାବକ, ଆଠମଲ୍ଲିକ ବ୍ଲକରେ ସମୁଦାୟ ୨୦୮ଟି ପ୍ରାଥମିକ ବିଦ୍ୟାଳୟ, ୨୬ଟି ହାଇସ୍କୁଲ ରହିଛି। ନିୟମ ମୁତାବକ, ୧୧ରୁ ୧୯ ବର୍ଷର ବାଳିକାମାନଙ୍କୁ ସାନିଟାରି ନାପକିନ ଯୋଗାଇଦିଆଯିବ। ଏଥିପାଇଁ ଆଠମଲ୍ଲିକ ବ୍ଲକରେ ଥିବା ବିଦ୍ୟାଳୟଗୁଡିକ ପାଇଁ ୯ ଲକ୍ଷ ଟଙ୍କାର ନାପକିନ ସରକାରଙ୍କ ପକ୍ଷରୁ ଯୋଗାଣ କରାଯାଇଥିଲା। ହେଲେ ସେଥିମଧ୍ୟରୁ ପ୍ରାୟ ୭ ଲକ୍ଷ ଟଙ୍କାର ନାପକିନ ସ୍ଥାନୀୟ ଲିପ୍ତିଙ୍ଗ ପ୍ରାଥମିକ ବିଦ୍ୟାଳୟରେ ୬ ମାସ ହେଲା ପଡିରହିଛି। ଏହାର ବଣ୍ଟନ ଦାୟିତ୍ୱ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦିଆଯାଇଥିଲେ ମଧ୍ୟ ସମସ୍ତ ବିଦ୍ୟାଳୟକୁ ପ୍ୟାଡ ପ୍ରଦାନ କରାଯାଇପାରି ନାହିଁ। ଉଭୟ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ଅବହେଳା ଯୋଗୁ ଏପରି ଅବ୍ୟବସ୍ଥା ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାଧପୁର ମେଡିକାଲ ଅଫିସର ରାହୁଲ୍ ଗର୍ଗ କହିଛନ୍ତି, ଶିକ୍ଷା ବିଭାଗ ଏଥି ପାଇଁ ସହଯୋଗ କରୁ ନ ଥିବାରୁ ସାନିଟାରି ନାପକିନ ବଣ୍ଟା ଯାଇପାରୁନାହିଁ। ସ୍ଥାନୀୟ ବିଆରସିସି ଛବୀନ୍ଦ୍ର ସିଠଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଶିକ୍ଷା ବିଭାଗକୁ ବିଭିନ୍ନ ସ୍କୁଲରେ ନାପକିନ ଯୋଗାଇ ଦେବା ପାଇଁ କୌଣସି ନିର୍ଦ୍ଦେଶନାମା ନାହିଁ। ସେ ସମ୍ପର୍କରେ କିଛି ଜାଣୁନାହୁଁ।

## ୧୧୪ ୟୁନିଟ ରକ୍ତ ସଂଗ୍ରହ

**ବଇଣ୍ଡା,୩।୧୦(ଡି.ଏନ.ଏ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଚଷା ସମାଜର ସଭାପତି ବାସୁଦେବ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାମୁର ସେବା ସମବାୟ ସମିତିର ସଭାପତି ସଞ୍ଜୀବ କୁମାର ପ୍ରଧାନ, ବଳରାମ ସାହୁ, ସନ୍ଦୀପ କୁମାର ପ୍ରଧାନ, ନଳିନୀ ରଞ୍ଜନ ପ୍ରଧାନ, ବୁଦ୍ଧଦେବ ପ୍ରଧାନ, ସରୋଜ ପ୍ରଧାନ, ପ୍ରିୟରଞ୍ଜନ ବେହେରା, ଦିଲୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୧୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରେଢାଖୋଲ ବ୍ଲଡ ବ୍ୟାଙ୍କର ରାମଚନ୍ଦ୍ର ପତି ରକ୍ତଦାତାଙ୍କର ରକ୍ତଚାପ ପରୀକ୍ଷା କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



**ତାଳଚେର,୩।୧୦(ନି.ପ୍ର.)**

ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ତାଳଚେର ପୌରପାଳିକାରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପ୍ରତି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ବାହୀ ଅଧିକାରୀ ଅତସି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜୟନ୍ତ କୁମାର ପରିଡା ମଞ୍ଚ ପରିଚାଳନା କରିଥିଲେ। ୪୨ ଜଣ ବରିଷ୍ଠ ନାଗରିକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ମାଗୁଣି ଚରଣ ପ୍ରଧାନଙ୍କୁ ଉତ୍ତରୀୟ, ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ପୌର ପରିଷଦର ସମସ୍ତ କର୍ମଚାରୀ, ଅଧିକାରୀ ଯୋଗ ଦେଇଥିଲେ।

## ୨୧୭ ଭିନ୍ନକ୍ଷମ ଚିହ୍ନଟ

**ସାତମାଇଲ,୩।୧୦ (ଡି.ଏନ.ଏ.)**



ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜ ପରିସରରେ ଗୁରୁବାର ହିନ୍ଦୋଳ ବ୍ଲକ ପ୍ରଶାସନ ପକ୍ଷରୁ ୨ୟ ପର୍ଯ୍ୟାୟ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ସରକାରଙ୍କ କଲ୍ୟାଣକାରୀ ଯୋଜନା ଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ବିଭିନ୍ନ ଅଞ୍ଚଳରୁ ୨୧୭ ଜଣ ଭିନ୍ନକ୍ଷମ ଯୋଗଦେଇ ନିଜର ନାମ ପଞ୍ଜୀକରଣ କରିବା ସହ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ହିନ୍ଦୋଳ ବ୍ଲକର ବହୁ ସରପଞ୍ଚ, ସମିତିସଭ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନ, ହିନ୍ଦୋଳ ମହାବିଦ୍ୟାଳୟର ଏନସିସି, ରେଡକ୍ରସ ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଲକ୍ଷ୍ମୀପୂଜା ପ୍ରସ୍ତୁତି

**ରାସୋଳ, ୩।୧୦(ଡି.ଏନ.ଏ)**

ରାସୋଳ ଅଞ୍ଚଳରେ ଲକ୍ଷ୍ମୀପୂଜା କରିବା ପାଇଁ ଥାନା ପରିସରରେ ବୁଧବାର ଅପରାହ୍ନରେ ପୂଜା କମିଟିର କର୍ମକର୍ତ୍ତା ଏବଂ ଥାନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି । ଏଥିରେ ରାସୋଳ ବଜାର, ତେଲିଭୂଇଁ ବଜାର, ନାଉକିଆରି ବଜାରର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଏସ୍‌ଆଇ ବୈକୁଣ୍ଠ ନାଥ ଘଡେଇ, ଏଏସ୍‌ଆଇ ସରୋଜ କୁମାର ପାଣି ଓ ଧ୍ରୁବଚରଣ ସେଠ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆସନ୍ତା ୧୩ରୁ ପୂଜା ଆରମ୍ଭ ହେବ। ରାସୋଳରେ ୨୫ ତାରିଖ ଏବଂ ତେଲିଭୂଇଁ, ଛଗଛିଆ ଓ ନାଉକିଆରୀରେ ୨୩ ତାରିଖରେ ଭସାଣି ପାଇଁ ସ୍ଥିର ହୋଇଥିଲା । ମେଢଗୁଡିକ ଅନ୍ଧାରି ବନ୍ଧରେ ବିସର୍ଜନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିର ହୋଇଛି । ରାସୋଳ ସଭାପତି ମନୋରଞ୍ଜନ ନାଥ, ସମ୍ପାଦକ ସୁଶୀଳ ସାହୁ, ରମେଶ ସାହୁ, ତେଲିଭୂଇଁ ବଜାର କମିଟିର ଗଣେଶ୍ୱର ସାହୁ, କରୁଣାକର ସାହୁ, ସନ୍ତୋଷ ସାହୁ, ପ୍ରଦୀପ ମିଶ୍ର, ଗୌତମ ସାହୁ, ଲଳିତ ମୋହନ ସାହୁ, ଦୀପକ ସାହୁ, ସତ୍ୟବ୍ରତ ସାହୁ, ନାଉକିଆରିର ଲମ୍ବୋଦର ସାହୁ, ସୁବାସଚନ୍ଦ୍ର ସାହୁ, ଛଗଛିଆ ପୂଜା କମିଟିର ସଞ୍ଜୟ ନାୟକ, ଚନ୍ଦନ ସାହୁ ପ୍ରମୁଖ ଭାଗ ନେଇଥିଲେ।

## ନୂତନ ଡାକ୍ତରଙ୍କ ଦାୟିତ୍ୱ ଗ୍ରହଣ

**ବଅଁରପାଳ,୩।୧୦(ଡି.ଏନ.ଏ.)**

ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ନୂତନ ଭାବେ ଡାକ୍ତର ଶଙ୍କର୍ଷଣ ଗାହାଣ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ କାର୍ଯ୍ୟରତ ଥିଲେ। ଲୋକମାନେ କିଭଳି ଉତ୍ତମ ସ୍ୱାସ୍ଥ୍ୟସେବା ପାଇବେ ତା ଉପରେ ଅଧିକ ପ୍ରାଧାନ୍ୟ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବଅଁରପାଳ, ୩।୧୦ (ଡି.ଏନ୍.ଏ.)**

ବଅଁରପାଳ ବ୍ଲକ ବଳରାମପ୍ରସାଦ ପଞ୍ଚାୟତରେ ଗୁରୁବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜେଡି କର୍ମୀମାନେ କେନ୍ଦୁପାଟଣା ଠାରୁ ଶୋଭାଯାତ୍ରାରେ ବାହାରି ପାଟଣାଗଡ଼ସାହି ଦେଇ ସମଗ୍ର ଗ୍ରାମ ପରିକ୍ରମା ପରେ ଶିବ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୪ ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ପଦଯାତ୍ରାର ଉଦ୍ଦେଶ୍ୟ ଓ ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା।



ଆୟୋଜିତ ସଭାରେ ବିଜେଡି କର୍ମକର୍ତ୍ତମାନେ।

ବଅଁରପାଳ ବ୍ଲକ ବିଜେଡି ସଭାପତି ବିଜୟ କୁମାର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଭୋଇ, ଯୁବନେତା ଅରୁନବ ସିଂହ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ, ବିଜେଡି ନେତା ସୁବାସ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଗଡ଼ନାୟକ, ଜିଲା ବିଜେଡି ସମ୍ପାଦକ ବାଉରୀବନ୍ଧୁ ସାହୁ, ପ୍ରଦୀପ କୁମାର ଦାସଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ସ୍ମରଣିକା, ଡାକ ଟିକେଟ ଉନ୍ମୋଚିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବଇଣ୍ଡା,୩।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ଡାକ ବଙ୍ଗଳା ପରିସରରେ ଚାଲିଥିବା ବାମୁର ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂହ, ମୁଖ୍ୟବକ୍ତା ପ୍ରଫେସର କୁମୁଦ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ପୂର୍ତ୍ତବିଭାଗର ପୂର୍ବତନ ସଚିବ ନଳିନୀକାନ୍ତ ପ୍ରଧାନ, ଗ୍ରାମାଞ୍ଚଳ ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷ ମୀନକେତନ ଅମାନ୍ତ, ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ସମ୍ବଲପୁର ପୋଷ୍ଟ ମାଷ୍ଟର ଜେନେରାଲ ଲଳିତେନ୍ଦୁ ପ୍ରଧାନ, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ମହାନ୍ତି, କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳେଇ, କିଶୋରନଗର ବିଡ଼ିଓ ଅମୃତା ପ୍ରିୟମ୍ବଦା ଯୋଗ ଦେଇଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ସ୍ମରଣିକା, ସ୍ୱତନ୍ତ୍ର ଡାକ ଟିକେଟ୍ ଉନ୍ମୋଚିତ ହୋଇଥିଲା। କିଶୋରନଗର କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ସଭା ପରିଚାଳନା କରିଥିବାବେଳେ ସଂଗ୍ରାମ କେଶରୀ ପୃଷ୍ଟି ଅତିଥି ପରିଚୟ ଦେଇଥିଲେ।

